**ଗୁଟ୍‌ଖା କାରଖାନା ମାଲିକଙ୍କ ସମେତ ୯ କୋର୍ଟଚାଲାଣ**

ବ୍ରହ୍ମପୁର ଅଫିସ,-ପୃଥକ୍ ଗୁଟ୍‌ଖା କାରଖାନାରେ ଚଢ଼ାଉ କରି ଗୋଟିଏ ମାମଲାରେ ମାଲିକ ଓ ଅନ୍ୟ ଏକ ମାମଲାରେ ୮ ଜଣଙ୍କୁ ସଦର ଥାନା ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗତ ୩ ଦିନ ମଧ୍ୟରେ ଗୁରୁଣ୍ଡି, ମାର୍ଥାପଲି ଓ ବାଉଁସିଆପଲିରେ ଚାଲିଥିବା ଗୁଟ୍‌ଖା କାରଖାନାରେ ପୋଲିସ ଚଢ଼ାଉ କରି ବିଭିନ୍ନ ବ୍ରାଣ୍ଡର ଗୁଟ୍‌ଖା, ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଓ ମେଶିନ ଜବତ କରିଥିଲା। ମାର୍ଥାପଲି ଗୁଟ୍‌ଖା କାରଖାନାରୁ ପୋଲିସ ୮ କର୍ମଚାରୀଙ୍କୁ କାବୁ କରିଥିବା ବେଳେ ମାଲିକ ରବି ସାହୁ ଓ ଗୁରୁଣ୍ଡି କାରଖାନା ମାଲିକ ଶମ୍ଭୁ ସାହୁ ଫେରାର ଅଛନ୍ତି। ବାଉଁଶିଆପଲି କାରଖାନାର ମାଲିକ ନରେନ୍ଦ୍ର ସାହୁଙ୍କୁ କାବୁ କରାଯାଇଥିଲା।

## ସଂକ୍ଷେପରେ

### ଗଜପତିରୁ ୩୮ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,୪।୮(ସ୍ୱ.ପ୍ର.): ଗଜପତି ଜିଲାରେ ପୁଣି ୩୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬୯୯ରେ ପହଞ୍ଚିଛି। ନୂଆ ଚିହ୍ନଟ ପଜିଟିଭ୍‌ଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରାଞ୍ଚଳରୁ ୩ଜଣ, ଗୁମ୍ମା ବ୍ଲକ୍‌ରୁ ୪, ଗୋଷାଣୀ ବ୍ଲକ୍‌ରୁ ୨୦, ରାୟଗଡ଼ ବ୍ଲକ୍‌ରୁ ୪ ଏବଂ ମୋହନା ବ୍ଲକ୍‌ରୁ ୭ଜଣ ଅଛନ୍ତି। ଏମାନଙ୍କ ମଧ୍ୟରେ ୨କରୋନା ଯୋଦ୍ଧା ରହିଥିବା ବେଳେ ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚବେଳେ ୧୩ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୨୦ଜଣ ଏବଂ ଜିଲା ବାହାରେ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କରୋନା ମୁକାବିଲା ପାଇଁ ଘରେ ରହି ପ୍ରଶାସନକୁ ସହଯୋଗ କରନ୍ତୁ ବୋଲି ଜିଲାବାସୀଙ୍କୁ ଜିଲାପାଳ କହିଛନ୍ତି।

### ଗଜପତିରୁ ସୁସ୍ଥ ହେଲେଣି ୧୨୨୨

ପାରଳାଖେମୁଣ୍ଡି,୪।୮(ସ୍ୱ.ପ୍ର.): ଗଜପତି ଜିଲାରେ ଏ ପର୍ଯ୍ୟନ୍ତ ୧୨୨୨ କରୋନା ଆକ୍ରାନ୍ତ ସୁସ୍ଥ ହେଲେଣି ବୋଲି ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏ ନେଇ ଜିଲାପାଳ ଅନୁପମ ଶାହା ସୂଚନା ଦେଇ କହିଛନ୍ତି, ରାଜ୍ୟ ବାହାରୁ ଜିଲାକୁ ମୋଟ ୧୫୩୯୭ ପ୍ରବାସୀ ଫେରିଛନ୍ତି। ଏଥିପାଇଁ ଜିଲାରେ ୩୭ଟି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇଛି। ୬୮୨ଜଣ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରହିଥିବାବେଳେ ୭୬ଜଣ ଗୃହ ସଙ୍ଗରୋଧରେ ରହିଛନ୍ତି। ସେହିପରି ୧୪୭୧୫ଜଣ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଘରକୁ ଫେରିଛନ୍ତି। ଇତିମଧ୍ୟରେ ଜିଲାରୁ ୬୮୮୫ ସ୍ୱାବ୍ ପରୀକ୍ଷା ପାଇଁ ସଂଗ୍ରହ ହୋଇଛି। ସେଥିମଧ୍ୟରୁ ୬୬୨୦ଜଣଙ୍କ ରିପୋର୍ଟ ପହଞ୍ଚିଛି। ଏଥିରେ ୧୬୬୨ଜଣଙ୍କ ରିପୋର୍ଟ ପଜିଟିଭ ରହିଛି। ତେବେ ୧୨୨୨ଜଣ ଇତିମଧ୍ୟରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେହିପରି ୧୪ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

### ୮ ଜେଲ ଅନ୍ତେବାସୀଙ୍କ ସମେତ ୬୨ ପଜିଟିଭ

ଫୁଲବାଣୀ ଅଫିସ, ୪।୮: କନ୍ଧମାଳରୁ ମଙ୍ଗଳବାର ୮ ଜଣ ଜେଲ୍ ଅନ୍ତେବାସୀଙ୍କ ସମେତ ୬୨ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ୪୨ ଜଣ ପୁରୁଷ ଥିବାବେଳେ ୨୦ ଜଣ ମହିଳା ଅଛନ୍ତି। ସର୍ବାଧିକ ୧୭ ଜଣ ବାଲିଗୁଡାରୁ ଚିହ୍ନଟ ହୋଇଥିବା ବେଳେ ଫୁଲବାଣୀରୁ ୩, ଜି.ଉଦୟଗିରିରୁ ୧୨, ଦାରିଙ୍ଗବାଡିରୁ ୨, ଟିକାବାଲିରୁ ୩, କ.ନୂଆଗାଁରୁ ୩, କୋଟଗଡରୁ ୬, ତୁମୁଡିବନ୍ଧରୁ ୬, ରାଇକିଆରୁ ୫, ଫିରିଙ୍ଗିଆରୁ ୩ ଓ ଖଜୁରିପଡାରୁ ଜଣେ ଅଛନ୍ତି। ଜି. ଉଦୟଗିରିରୁ ଚିହ୍ନଟ ହୋଇଥିବା ୧୨ ଜଣଙ୍କ ମଧ୍ୟରେ ୮ ଜଣ ଜେଲର ଅନ୍ତେବାସୀ। ଜିଲାରେ ବର୍ତ୍ତମାନ ସୁଦ୍ଧା ୬୭୮ ସଂକ୍ରମିତ ଚିହ୍ନଟ ହେଲେଣି। ସେଥିମଧ୍ୟରୁ ୩୭୦ ସୁସ୍ଥ ହୋଇଛନ୍ତି।

### ରାଇକିଆରୁ ହଟିଲା କଣ୍ଟେନ୍‌ମେଣ୍ଟ

ରାଇକିଆ,୪।୮(ଡି.ଏନ୍.ଏ.): କନ୍ଧମାଳ ଜିଲା ରାଇକିଆରୁ ୨୫ ଦିନ ପରେ ହଟିଛି କଣ୍ଟେନ୍‌ମେଣ୍ଟ। ଏଠାରୁ ପଜିଟିଭ ଚିହ୍ନଟ ପରେ ଗତ ଜୁଲାଇ ୧୦ରେ ରାଇକିଆ ସହର ସମେତ ୧୩ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ପରିସ୍ଥିତିକୁ ନିରୀକ୍ଷଣ ପରେ ମଙ୍ଗଳବାର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କଣ୍ଟେନ୍‌ମେଣ୍ଟ ଉଠିଛି। ତେବେ ପୂର୍ବ ଘୋଷଣା ଅନୁଯାୟୀ ଲକ୍‌ଡାଉନ ନିୟମ ବଳବତ୍ତର ରହିବ। ଏହି ସମୟରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲାରହିବ।

### କଞ୍ଚାମେଣ୍ଡି ପଞ୍ଚାୟତର ୮ ଗ୍ରାମ କଣ୍ଟେନ୍‌ମେଣ୍ଟ

କ.ନୂଆଗାଁ,୪।୮(ଡି.ଏନ୍.ଏ.): କ.ନୂଆଗାଁ ବ୍ଲକ କଞ୍ଚାମେଣ୍ଡି ପଞ୍ଚାୟତ ୮ନଂ ୱାର୍ଡରେ ଜଣେ ଯୁବତୀ କରୋନା ପଜିଟିଭ ଚିହ୍ନଟ ପରେ ଚଣାପଦର ସହ ପୁରୁଣା ନୂଆଗାଁ, ସୁରାପଙ୍ଗା, ଗଜିପଦର, ଗହିଙ୍ଗିଆ, ଜୁଗାପଦର, ରାଜଫରା, କଞ୍ଚାମେଣ୍ଡି ସହ ୮ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହାର ଆଖପାଖ ୧୫ ଗ୍ରାମକୁ ବଫର୍ ଜୋନ୍ କରାଯାଇଛି। ସମ୍ପୃକ୍ତ ଯୁବତୀ ବୌଦ୍ଧରେ ରୁହନ୍ତି ଓ ସେଠାରେ ସ୍ୱାବ୍ ଦେଇଥିଲେ। ୪ଦିନ ହେଲା ଘରକୁ ଫେରି ରାକ୍ଷୀ ଦୋକାନ କରିଥିବାରୁ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିଛି।

# ଅବହେଳିତ ଗାଁ ଜାରାପାଙ୍ଗା

ଫୁଲବାଣୀ ଅଫିସ, ୪।୮



ଅଣ ଓସାରିଆ କାଠ ପୋଲ ।

କନ୍ଧମାଳ ଜିଲାରେ ଏବେ ବି ଏପରି ଗ୍ରାମ ରହିଛି, ଯେଉଁଠି ବିକାଶର ନାଁ ଗନ୍ଧ ନାହିଁ। ଗ୍ରାମବାସୀ ଅବହେଳିତ ଅବସ୍ଥାରେ ପଡ଼ି ରହିଛନ୍ତି। ଲୋକ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ସେଠାକୁ ଯାଆନ୍ତି ନାହିଁ। ଯାତାୟାତ ପାଇଁ ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ କାଠ ପୋଲ ୫ ବର୍ଷ ହେବ ଭାଙ୍ଗିଯାଇଛି। ତେଣୁ ନାଳ ଉପରେ ଆଉ ଏକ ଅଣ ଓସାରିଆ କାଠପୋଲ କରିଛନ୍ତି। ଏହି କାଠପୋଲ ଉପରେ ଅଙ୍ଗନୱାଡି ଶିଶୁମାନେ ମଧ୍ୟ ଯାତାୟାତ କରୁଛନ୍ତି। ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତର ଜାରାପାଙ୍ଗା ଗାଁରେ ଏଭଳି ଦେଖିବାକୁ ମିଳିଛି।

ଜାରାପାଙ୍ଗା ଗାଁରେ ପ୍ରାୟ ୭୦ ଆଦିବାସୀ ପରିବାର ବସବାସ କରି ଆସୁଛନ୍ତି। ଜନସଂଖ୍ୟା ୫୦୦ରୁ ଊର୍ଦ୍ଧ୍ୱ। ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ସ୍ୱପ୍ନ। ବର୍ଷତମାମ ବିଲ ମଝିରେ ଥିବା ପରିତ୍ୟକ୍ତ କୂଅ ଏବଂ ଚୂଆ ପାଣି ଉପରେ ନିର୍ଭର କରନ୍ତି। ଗ୍ରାମକୁ ଭଲ ରାସ୍ତା ନାହିଁ। ଗ୍ରାମକୁ ଯିବାକୁ ହେଲେ ଆରଡ଼ି ରାସ୍ତାରୁ ଅଧା କି.ମି. ମାଟିରାସ୍ତା ଏବଂ ରବିଙ୍ଗିଆ ଦେଇ ଗଲେ ୨ କିମିରୁ ଊର୍ଦ୍ଧ୍ୱ ରାସ୍ତାରେ ଯିବାକୁ ପଡେ। ଗ୍ରାମ ନିକଟ ଦେଇ ଯାଇଥିବା ନାଳରେ ଗ୍ରାମବାସୀ କରିଥିବା କାଠପୋଲ ୫ ବର୍ଷ ହେଲା ଭାଙ୍ଗିଛି। ପୋଲ ପାଖରୁ ତଳକୁ ଆଉ ଏକ ଅଣ ଓସାରିଆ କାଠପୋଲରେ ଯାତାୟାତ ଚାଲିଛି। ବର୍ଷା ହେଲେ ଉକ୍ତ ରାସ୍ତା ବନ୍ଦ । ଗ୍ରାମବାସୀ ଏକ ପ୍ରକାର ବିଚ୍ଛିନ୍ନ ହୋଇ ରହିବାକୁ ବାଧ୍ୟ ହୁଅନ୍ତି।

ଗାଁକୁ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ଅଫିସ ପର୍ଯ୍ୟନ୍ତ, ପଲ୍ଲିସଭା ଓ ଗ୍ରାମସଭାରେ ବାରମ୍ବାର ଦାବି କରାଯାଇ ଆସୁଥିଲେ ବି ସୁଫଳ ମିଳୁନି। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ନନ୍ଦ କହଁର, ସାଙ୍ଗ କହଁର, ରଞ୍ଜନ କହଁର, ଶୁକ କହଁର ପ୍ରମୁଖ ଚେତାବନୀ ଦେଇଛନ୍ତି।

# ପୋଲିସ ଗୁଳିରେ ନିହତ ମାଓବାଦୀ ଚିହ୍ନଟ

ଫୁଲବାଣୀ ଅଫିସ୍, ୪।୮

**ବିଜିଏନ୍ ଡିଭିଜନ୍‌ର ରଞ୍ଜିତା ଓ ଅଜିତ୍**

କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ସିର୍ଲା ଜଙ୍ଗଲରେ ଗତ ଜୁନ ୨୩ରେ ପୋଲିସ୍ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ନିହତ ୨ ମାଓବାଦୀଙ୍କ ପରିଚୟ ମିଳିଛି। ସେମାନେ ହେଲେ ବଂଶଧାରା-ଘୁମୁସର-ନାଗାବଳୀ(ବିଜିଏନ୍) ଡିଭିଜନ୍‌ର ଆଞ୍ଚଳିକ ସଦସ୍ୟ ଅଜିତ୍ ଓ ମହିଳା ମାଓବାଦୀ ରଞ୍ଜିତା। ଉଭୟଙ୍କ ଘର ଛତିଶଗଡ଼ ରାଜ୍ୟରେ ବୋଲି ଏସ୍‌ପି ଭିନିତ୍ ଅଗ୍ରୱାଲ ମଙ୍ଗଳବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ତେବେ ସେମାନେ କେଉଁସବୁ ମାମଲାରେ ଜଡିତ ଥିଲେ ଏବଂ ସେମାନଙ୍କୁ ଧରାଇଲେ କୌଣସି ପୁରସ୍କାର ରାଶି ଥିଲା କି ନାହିଁ ତାହା ଜଣାପଡିନାହିଁ। କନ୍ଧମାଳରେ ମାଓବାଦୀ ସଙ୍ଗଠନର କେନ୍ଦ୍ରୀୟ ନେତା ମୁରଲୀଙ୍କ ସମେତ ଅନ୍ୟ ରାଜ୍ୟର କେତେଜଣ ମାଓବାଦୀ ନେତା ଥିବା ନେଇ ସୂଚନା ମିଳିଛି। ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଥିବାବେଳେ କୋମ୍ବିଂ ଜୋର୍‌ଦାର କରିଛି। ଏଥିଯୋଗୁ ମାଓବାଦୀମାନେ ଶହୀଦ ସପ୍ତାହ ପାଳନ ବେଳେ କିଛି ହିଂସା ଘଟାଇ ପାରିନାହାନ୍ତି ବୋଲି ଏସ୍‌ପି କହିଥିଲେ। ସୂଚନାଯୋଗ୍ୟ, ଜୁନ୍ ୨୩ରେ ଏସ୍‌ଓଜି, ଡିଭିଏଫ୍ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ସିର୍ଲା ଜଙ୍ଗଲରେ ଗୁଳିବିନିମୟ ହୋଇଥିଲା। ଏଥିରେ ଜଣେ ମହିଳା ମାଓବାଦୀଙ୍କ ସମେତ ୨ଜଣ ନିହତ ହୋଇଥିଲେ। ସେମାନଙ୍କ ପରିଚୟ ନ ମିଳିବାରୁ ବ୍ୟବଚ୍ଛେଦ ପରେ ୭୨ ଘଣ୍ଟା ରଖି ସଂସ୍କାର କରାଯାଇଥିଲା।

# ମୃତଦେହ ରଖି ରାସ୍ତା ଅବରୋଧ

ଛତ୍ରପୁର,୪।୮(ଡି.ଏନ୍.ଏ.)

**ଓଏସଏଲ୍‌ର ହାଇୱା ଧକ୍କାରେ ମହିଳା ମୃତ**

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଅଧୀନ ଡୁଗୁଲୁ ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଓଏସଏଲ୍ କମ୍ପାନୀର ଏକ ହାଇୱା ଧକ୍କାରେ ବାଇକ୍‌ରୁ ଖସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଛତ୍ରପୁର ବ୍ଲକ ସାନଆର୍ଯ୍ୟପଲ୍ଲୀ ଗାଁର ଡି. ପୋଲାମ୍ମା। ଦୁର୍ଘଟଣାରେ ଶିଶୁପୁତ୍ର ଆହତ ହୋଇଥିବାବେଳେ ବାଇକ୍ ଚାଳକ ତଥା ମୃତ ମହିଳାଙ୍କ ସମ୍ପର୍କୀୟ ଡି. ଜାଙ୍ଗାଲି ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କୁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ରାସ୍ତାରେ ରଖି କ୍ଷତିପୂରଣ ଦାବି କରିଥିଲେ। ମୃତ ମହିଳାଙ୍କ ପରିବାରକୁ କ୍ଷତିପୂରଣ ସହ ତାଙ୍କ ସ୍ୱାମୀଙ୍କୁ କମ୍ପାନୀରେ ଚାକିରି ଦେବାକୁ ଦାବି କରିଥିଲେ। ଛତ୍ରପୁର ଅତିରିକ୍ତ ତହସିଲଦାର ଜସ୍ମିନ ପ୍ରଧାନ, ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ଚମାଖଣ୍ଡି ଥାନା ଆଇଆଇସି ସିତାଂଶୁ ଶେଖର ମାନ୍ଧାତା, ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନା ଆଇଆଇସି ଶର୍ମିଷ୍ଠା ପ୍ରଧାନ, କମ୍ପାନୀ ଅଧିକାରୀ, କଣମଣା ସରପଞ୍ଚ ଏସ୍. ଚକ୍ରପାଣି ରେଡ୍ଡି ପ୍ରମୁଖଙ୍କୁ ନେଇ ଦିନସାରା ଆଲୋଚନା କରିଥିଲେ। କମ୍ପାନୀ ମୃତ ମହିଳାଙ୍କ ପରିବାରଙ୍କୁ ୧୩ ଲକ୍ଷ ଟଙ୍କା କ୍ଷତିପୂରଣ ସହ ତାଙ୍କ ସ୍ୱାମୀଙ୍କୁ ନିଯୁକ୍ତି ଦେବ ବୋଲି ପ୍ରତିଶ୍ରୁତି ଦେବା ପ୍ରାୟ ସାଢେ ୮ ଘଣ୍ଟା ଧରି ଚାଲିଥିବା ରାସ୍ତା ଅବରୋଧ ସନ୍ଧ୍ୟାରେ ହଟିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଯାଇଛି। ପ୍ରକାଶ ଯେ, ପୋଲାମ୍ମା ତାଙ୍କ ସମ୍ପର୍କୀୟ ଜାଙ୍ଗାଲିଙ୍କ ସହ ତାଙ୍କ ବାଇକ୍ (ଓଡି ୦୭ଭି ୮୫୪୭)ରେ ଶିଶୁପୁତ୍ରକୁ ନେଇ ବ୍ରହ୍ମପୁର ମେଡିକାଲକୁ ଯାଉଥିଲେ। ଡୁଗୁଲୁ ଛକ ନିକଟରେ ବାଇକ୍‌କୁ ଓଏସଏଲ୍ କମ୍ପାନୀର ହାଇୱା (ଓଡି୦୨ଏକେ ୩୭୫୫) ଧକ୍କା ଦେଇଥିଲା। ଏ ନେଇ ନଂ.୧୦୨/୨୦ରେ ଏକ ମାମଲା ରୁଜୁ ହୋଇଛି।



ରାସ୍ତା ଅବରୋଧ କରାଯାଇଛି।

# ୫ ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର ଭ୍ୟାନ୍ ଉଦ୍‌ଘାଟିତ




ଆମ୍ବୁଲାନ୍ସ ଶୁଭାରମ୍ଭ କରାଯାଉଛି ।

ଛତ୍ରପୁର, ୪।୮(ଡି.ଏନ୍.ଏ.)

**ଗଞ୍ଜାମ ଜିଲା**

**■ ଭ୍ୟାନରେ ଡାକ୍ତର, ଅକ୍ସିଜେନର ବ୍ୟବସ୍ଥା ରହିଛି**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର କାର୍ଯ୍ୟାଳୟ ପରିସରରେ ୫ଟି ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର ଭ୍ୟାନ ଶୁଭାରମ୍ଭ କରିଛନ୍ତି। ଏହି ଭ୍ୟାନଗୁଡିକ ପ୍ରଶାସନ ଦ୍ୱାରା ପରିଚାଳନା କରାଯିବ। ଏଥିରେ ଡାକ୍ତର, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟକର୍ମୀ ସେବା ଯୋଗାଇବେ। ଏଥିସହ ସେଥିରେ ଅକ୍ସିଜେନ ସୁବିଧା ମଧ୍ୟ ରହିଛି। ଏହା ମୋବାଇଲ କ୍ଲିନିକ ଭଳି କାର୍ଯ୍ୟ କରିବ। ସାଧାରଣ ଚିକିତ୍ସା ମଧ୍ୟ ଏହି ଭ୍ୟାନରୁ ମିଳିପାରିବ ବୋଲି ଜିଲାପାଳ କହିଛନ୍ତି। ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ ଜଣେ ସାଧାରଣ କିମ୍ବା କରୋନା ରୋଗୀଙ୍କୁ ଘର ନିକଟରେ ଚିକିତ୍ସା ଯୋଗାଇବା ଜରୁରି ହୋଇଥିବାରୁ ଏହି ବ୍ୟବସ୍ଥା କରାଯାଇଛି। ଛତ୍ରପୁର, ଭଞ୍ଜନଗର ଓ ବ୍ରହ୍ମପୁର ଉପଖଣ୍ଡକୁ ଗୋଟିଏ ଲେଖାଏ ଭ୍ୟାନ ଓ ବ୍ରହ୍ମପୁର ମହାନଗରବାସୀଙ୍କ ନିମନ୍ତେ ଅନ୍ୟ ୨ଟି ଭ୍ୟାନ୍ ସେବା ଯୋଗାଇଦେବ। ସୂଚନାଯୋଗ୍ୟ, ଜିଲାର ପଞ୍ଚାୟତସ୍ତରରେ ୮୯, ଅକ୍ସିଜେନ ସୁବିଧା ଥାଇ ୩୩ ଏବଂ ମୃତଦେହ ବୋହିନେବା ଦିଗରେ ୧୧ଟି ଏପରି ମୋଟ ୧୩୩ଟି ଆମ୍ବୁଲାନ୍ସ ସେବା ଜିଲାରେ ପୂର୍ବରୁ ଯୋଗାଇ ଦିଆଯାଇଛି। ଗତ ଜୁଲାଇ ୧୩ରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଆମ୍ବୁଲାନ୍ସ ପରିଚାଳନା କେନ୍ଦ୍ର ଖୋଲାଯାଇ ସେବା ଯୋଗାଯାଉଛି। ଏ ପର୍ଯ୍ୟନ୍ତ ୨୦୧ ସେବା ପ୍ରଦାନ କରାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଟାଟା ଷ୍ଟିଲ ଫାଉଣ୍ଡେଶନର ବରିଷ୍ଠ ପରିଚାଳକ ସଞ୍ଜୀବ କୁମାର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର କୁମାର ପରିଡା, ମୁଖ୍ୟ ସ୍ୱାସ୍ଥ୍ୟ ପରିଚାଳକ ନରସିଂହ ସାହୁ ଉପସ୍ଥିତ ଥିଲେ।

# ଠିକାଦାରଙ୍କୁ ଆକ୍ରମଣ ମାମଲା, ଜଣେ ଗିରଫ

ଦିଗପହଣ୍ଡି,୪।୮(ଡି.ଏନ୍.ଏ.)

ଦିଗପହଣ୍ଡିରେ ରହୁଥିବା ସାନଖେମୁଣ୍ଡି ବ୍ଲକ ଏରେଣ୍ଡ୍ରା ଗ୍ରାମର ଠିକାଦାର ସନ୍ତୋଷ କୁମାର ଜେନାଙ୍କୁ ଆକ୍ରମଣ ଓ ଲୁଟ୍ ମାମଲା (ନଂ.୧୫୨/୨୦) ରେ ଜଣେ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ପାଟପୁର ଥାନା କଙ୍କୋରଡା ଗ୍ରାମର ରାମଚନ୍ଦ୍ର ସେଠୀ। ଠିକାଦାର ସନ୍ତୋଷ ଗତ ଜୁଲାଇ ୧୪ ସନ୍ଧ୍ୟାରେ ବାଇକରେ ଏରେଣ୍ଡ୍ରା ଯାଉଥିଲେ। ତୁଡୁଙ୍ଗପୁର-ତିତିଖଣ୍ଡି ଗ୍ରାମ ରାସ୍ତାରେ ୩ ଯୁବକ ଏକ ନମ୍ବର ବିହୀନ ବାଇକରେ ତାଙ୍କୁ ପିଛା କରି ଅଟକାଇବା ସହ ଅତର୍କିତ ଆକ୍ରମଣ କରିଥିଲେ। ପରେ ତାଙ୍କ ଠାରୁ ୨୦ ହଜାର ଟଙ୍କା ସହ ମୋବାଇଲ ଫୋନ୍ ଛଡାଇ ନେଇ ଯାଇଥିଲେ। ତାଙ୍କ ନିକଟରୁ ୨୦ ହଜାର ଟଙ୍କା ଓ ୨ ମାବାଇଲ ଫୋନ୍ ଜବତ ହୋଇଛି। ଅନ୍ୟ ୨ ଜଣଙ୍କୁ ଚିହ୍ନଟ କରାଯାଇଛି। ଜଣେ ହିଞ୍ଜିଳି ଥାନା ଅଞ୍ଚଳରେ ଏକ ଡକାୟତି ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବାବେଳେ ଅନ୍ୟଜଣେ ଫେରାର ଅଛନ୍ତି।

# କରୋନା ଯୋଦ୍ଧା ଏଏସ୍‌ଆଇଙ୍କୁ ଗାର୍ଡ ଅଫ ଅନର

ଛତ୍ରପୁର, ୪।୮(ଡି.ଏନ୍.ଏ.)

**କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା**

ଭଞ୍ଜନଗର କୋଭିଡ୍ କେୟାର ସେଣ୍ଟରରେ ସୋମବାର ତାରସିଂ ଥାନାର କରୋନା ଯୋଦ୍ଧା ଏଏସ୍‌ଆଇ ଶିବରାମ ଦାଶଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଛତ୍ରପୁରଠାରେ ତାଙ୍କର ପାର୍ଥିବ ଶରୀରକୁ ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇଛି। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏଙ୍କ ଉପସ୍ଥିତିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମୃତ ଏଏସ୍‌ଆଇଙ୍କ ଘର ଛତ୍ରପୁର ବ୍ଲକ ପୋଡପଦର ଗାଁରେ। ସ୍ଥାନୀୟ ସରପଞ୍ଚ ପୀତାମ୍ବର ପଣ୍ଡା ଶ୍ରଦ୍ଧାଞ୍ଜଳି ଦେବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୋଲିସ କରୋନା ଯୋଦ୍ଧାମାନେ ନିଜ ଡ୍ୟୁଟି କରିଆସୁଛନ୍ତ। ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ପୋଲିସରେ କାର୍ଯ୍ୟରତ ୨ ଏଏସ୍‌ଆଇ, ଜଣେ କନଷ୍ଟେବଳ, ଜଣେ ହୋମଗାର୍ଡଙ୍କ ମୃତ୍ୟୁ ହୋଇଛି । ଆଗାମୀ ଦିନରେ କରୋନା ହାରିବ ଏବଂ ଆମେ ଜିତିବୁ ବୋଲି ଏସ୍‌ପି କହିଛନ୍ତି । ସେପଟେ ବୁଗୁଡ଼ା ଓ ଆସିକା ଥାନାର ୬ କର୍ମଚାରୀ କରୋନାରୁ ସୁସ୍ଥ ହୋଇ ପୁଣି କାର୍ଯ୍ୟରେ ଯୋଗଦେଇଥିବା ସେ ସୂଚନା ଦେଇଛନ୍ତି ।

# କୋଭିଡ୍ ମନିଟରଙ୍କୁ ତାଲିମ

ଭଞ୍ଜନଗର,୪।୮(ଡି.ଏନ.ଏ)

ଭଞ୍ଜନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଏନ୍‌ଏସିର କୋଭିଡ୍ ମନିଟରମାନଙ୍କୁ ମଙ୍ଗଳବାର ବିଡିଓ ଅନିଲ କୁମାର ସେଠୀ ତାଲିମ ପ୍ରଦାନ କରିଛନ୍ତି। କୋଭିଡ୍ ମନିଟରମାନେ ଏନ୍‌ଏସିର ସମସ୍ତ ୱାର୍ଡରେ ରହୁଥିବା କରୋନା ଆକ୍ରାନ୍ତଙ୍କ ତଥ୍ୟ ରଖିବେ। ଏନେଇ ପ୍ରଶାସନ ସହ ସେମାନେ ଦୈନନ୍ଦିନ ଯୋଗାଯୋଗରେ ରହିବେ। ହୋମ୍ ଆଇସୋଲେସନ, କ୍ୱାରାଣ୍ଟାଇନରେ ରହୁଥିବା ଲୋକଙ୍କ ସମ୍ପର୍କରେ ତଥ୍ୟ ରଖିବେ। ଥଣ୍ଡା, କାଶ, ଜ୍ୱର ହେଉଥିଲେ ସ୍ୱାବ୍ ପରୀକ୍ଷା ବ୍ୟବସ୍ଥା କରିବେ। ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ, ଏଡିଏମ୍ ବିଶାଲ ସିଂ, ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଶିବିର ଆରମ୍ଭ ପୂର୍ବରୁ ପରିଦର୍ଶନ କରିଥିଲେ। ପରେ ଜିଲାପାଳ ବନ ବିଭାଗ ଡାକ ବଙ୍ଗଳା ପରିସରରେ କୋଭିଡ୍ ମୁକାବିଲା ସମୀକ୍ଷା କରିଥିଲେ। ସୋମବାର ଭଞ୍ଜନଗରରେ ୧୬ ନୂଆ ପଜିଟିଭ ଚିହ୍ନଟ ହୋଇଛନ୍ତି।

# ଜୁଭେନାଇଲ୍ ହୋମ୍ ପରିଦର୍ଶନ କଲେ ବିଚାର ବିଭାଗ ଅଧିକାରୀ

ବ୍ରହ୍ମପୁର ଅଫିସ,୪।୮

କରୋନା ବେଳେ ବିଭିନ୍ନ ଜେଲ ଓ ସ୍ୱତନ୍ତ୍ର ଗୃହରେ ଥିବା ଅନ୍ତେବାସୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି ଓଡ଼ିଶା ହାଇକୋର୍ଟ । ଏହି କ୍ରମରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ବିଚାର ବିଭାଗ ଅଧିକାରୀଙ୍କ ଏକ ପ୍ରତିନିଧି ଦଳ ବ୍ରହ୍ମପୁର ବାଳ ସୁଧାର ଗୃହ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅଜ୍ଞନା ସ୍ୱାଇଁ ଓ ଜୁଭେନାଇଲ ଜଷ୍ଟିସ ବୋର୍ଡର ପ୍ରମୁଖ ବିଚାରପତି ଅମିତ ସ୍ୱରୂପ ସେଠ୍ ରହିଥିଲେ। ସମସ୍ତେ ପିପିଇ କିଟ୍ ପରିଧାନ କରି ବାଳ ସୁଧାର ଗୃହକୁ ଯାଇ ଅଧୀକ୍ଷକ ପି.କେ ହାରାଙ୍କ ସହ ଆଲୋଚନା କରିଥିଲେ। ପରେ ଅନ୍ତେବାସୀଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଡ଼ାକ୍ତର ଆସୁଛନ୍ତି କି ନାହିଁ ସେନେଇ ପଚାରି ବୁଝିଥିଲେ। ମଙ୍ଗଳବାର ବାଳ ସୁଧାର ଗୃହକୁ କୌଣସି ଡ଼ାକ୍ତର ଆସି ନ ଥିବାରୁ ଅଧିକାରୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟପଟେ ଅଧୀକ୍ଷକ କହିଛନ୍ତି, ଏଠାରେ କାର୍ଯ୍ୟରତ ୮ କର୍ମଚାରୀଙ୍କ ମଧ୍ୟରୁ ୭ ଜଣଙ୍କ କରୋନା ପଜିଟିଭ ରିପୋର୍ଟ ଆସିଥିବା ବେଳେ ସେମାନେ ଗୃହ ସଙ୍ଗରୋଧରେ ରହିଛନ୍ତି। ବର୍ତ୍ତମାନ ସେ ଓ ଜଣେ ହେଡ୍‌ଗାର୍ଡ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ଏନେଇ ସେ ବ୍ରହ୍ମପୁର ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି, ଗୃହରକ୍ଷୀଙ୍କୁ ସେଠାକୁ ପଠାଇବା ପାଇଁ। ଏସ୍‌ପି ତିନିଜଣ ଗୃହରକ୍ଷୀଙ୍କୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି କହିଛନ୍ତି।

ପ୍ରକାଶଯେ, ବ୍ରହ୍ମପୁର ସିଭିଲ କୋର୍ଟ ରେଜିଷ୍ଟ୍ରାର ଅମିତ ସ୍ୱରୂପ କୁମାର ସେଠ ମଙ୍ଗଳବାର ଗଞ୍ଜାମ ଜିଲାର ବିଭିନ୍ନ କୋର୍ଟରେ କାର୍ଯ୍ୟରତ ଜଜ୍‌ଙ୍କୁ ଲେଖିଥିବା ଚିଠିରେ ବ୍ରହ୍ମପୁରରେ ଥିବା ମଣ୍ଡଳ କାରାଗାର ସମେତ ଆସିକା, କୋଦଳା, ଦିଗପହଣ୍ଡି ଓ ଭଞ୍ଜନଗର ସବ୍-ଜେଲ ଓ ଜିଲାର ବିଭିନ୍ନ ସ୍ଥାନରେ ଥିବା ସ୍ୱତନ୍ତ୍ର ଗୃହ ପରିଦର୍ଶନ କରିବାକୁ କୁହାଯାଇଛି । ଜେଲ ଓ ସ୍ୱତନ୍ତ୍ର ହୋମ୍‌ରେ କୋଭିଡ୍- ନିୟମ କେମିତି ପାଳନ ହେଉଛି, ଅନ୍ତେବାସୀଙ୍କ ସାମାଜିକ ଦୂରତ୍ୱ, ମାସ୍କ, ସାନିଟାଇଜର ଓ ସାବୁନ ପ୍ରଦାନ କରାଯାଉଛି କି ନାହିଁ ତାହା ପରଖିବାକୁ କୁହାଯାଇଛି। ୧୦ ଦିନ ଭିତରେ ଅନ୍ତତଃ ଥରେ କୋଭିଡ୍ ସ୍ଥିତି ପରଖିବାକୁ ଏଡିଜେ-୧ଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାର ଦେଖିବାକୁ କୁହାଯାଇଥିବା ବେଳେ ଏଡିଜେ-୩ଙ୍କୁ ବିଭିନ୍ନ ଶିଶୁ ଯତ୍ନଗୃହ ପରିଦର୍ଶନ ପାଇଁ କୁହାଯାଇଛି । ଆସିକା ଏଡିଜେଙ୍କୁ ସବ୍-ଜେଲ, କୋଦଳା ଏଡିଜେଙ୍କୁ କୋଦଳା ସବ-ଜେଲ, ଭଞ୍ଜନଗର ଏଡିଜେଙ୍କୁ ଭଞ୍ଜନଗର ସବ-ଜେଲ ଏବଂ ଗଞ୍ଜାମ ଜିଲା ଜଜଙ୍କୁ ଦିଗପହଣ୍ଡି ସବ-ଜେଲ ପରିଦର୍ଶନ ପାଇଁ କୁହାଯାଇଛି । ସ୍ଥିତି ପରିଖିବା ପରେ ସେହି ରିପୋର୍ଟକୁ ହାଇକୋର୍ଟଙ୍କୁ ପଠାଯିବ ବୋଲି ସୂଚନା ମିଳିଛି ।

# ସାର ନ ମିଳିବାରୁ ସମିତି ଆଗରେ ହୋହଲ୍ଲା




ସାର ପାଇଁ ସମିତି କାର୍ଯ୍ୟାଳୟରେ ଚାଷୀଙ୍କ ଭିଡ।

ଶେରଗଡ଼,୪।୮(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ଅଞ୍ଚଳରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ସାର ଆବଶ୍ୟକ ପଡୁଛି। ହେଲେ ଚାଷୀଙ୍କୁ ସାର ମିଳୁନାହିଁ। କରଡାକଣାରେ ଥିବା ସମବାୟ ସମିତିରୁ ଚାଷୀମାନେ ୟୁରିଆ ସାର ନ ପାଇ ମଙ୍ଗଳବାର ହୋହଲ୍ଲା କରିଥିଲେ। ସମବାୟ ସମିତି ସମ୍ପାଦକଙ୍କ କହିବା ଅନୁଯାୟୀ, ମାତ୍ର ୪୫୦ ବସ୍ତା ୟୁରିଆ ଆସିଥିଲା। ଖବର ପାଇ କରଡ଼ାକଣା ଓ କୁମାରପାଣି ପଞ୍ଚାୟତର ୫୦୦ରୁ ଊର୍ଦ୍ଧ୍ୱ ଚାଷୀ କାର୍ଯ୍ୟାଳୟ ସମ୍ମୁଖରେ ଏକଜୁଟ ହୋଇଥିଲେ। ଏତେ ଚାଷୀ ଙ୍କୁ ସାର ହେବନାହିଁ କେତେଜଣଙ୍କୁ ଦିଆଯାଇ ବଳକା ୟୁରିଆ ସାର ଆସିଲା ପରେ ପ୍ରଦାନ କରାଯିବ ବୋଲି କହିଥିଲେ। ଏହା ଶୁଣି ଚାଷୀମାନେ ପାଟିତୁଣ୍ଡ କରିଥିଲେ। ବାଧ୍ୟ ହୋଇ ସମ୍ପାଦକ ସାର ବିତରଣ ବନ୍ଦ କରି ଦେଇଥିଲେ। ସାର ନିହାତି ଆବଶ୍ୟକ ଥିବାବେଳେ ନ ମିଳିବାରୁ ଚାଷ କାର୍ଯ୍ୟ ଗୁରୁତର ବାଧାପ୍ରାପ୍ତ ହେବ ବୋଲି ଚାଷୀମାନେ କହିଛନ୍ତି।

# ସିଲ୍ ହେଲା ସୁଖ ସାଗର ବାର୍

**ନାଇଟ କର୍ଫ୍ୟୁ ଉଲ୍ଲଂଘନ ଘଟଣା**

ବ୍ରହ୍ମପୁର ଅଫିସ,୪।୮

**ଜିଲାପାଳଙ୍କୁ ରିପୋର୍ଟ ଦେଲା ଅବକାରୀ ବିଭାଗ**

କରୋନା ମୁକାବିଲା ପାଇଁ ଜାରି ହୋଇଥିବା ନାଇଟ କର୍ଫ୍ୟୁକୁ ଉଲ୍ଲଂଘନ କରି ସୁଖ ସାଗର ବାରରେ ମଦ ଆସର ଜମାଇବା ଘଟଣାରେ ବୈଦ୍ୟନାଥପୁର ଥାନା ପୋଲିସ ବାର ମ୍ୟାନେଜର ଅରୁଣ କୁମାର ଭୂୟାଁ, ୨ଜଣ କର୍ମଚାରୀ ଓ ୨୩ ଜଣ ଗ୍ରାହକ ଏପରି ୨୬ ଜଣଙ୍କୁ ସୋମବାର ରାତିରେ ଉଠାଇ ନେଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ବାର୍‌କୁ ସିଲ୍‌କରି ଦିଆଯାଇଛି ବୋଲି ଅଧୀକ୍ଷକ ଅଜିତ ରାମଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ସେହିପରି ଅବକାରୀ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଜିଲାପାଳଙ୍କୁ ସିରିୟସ୍ ଇରେଗୁଲାରିଟି ରିପୋର୍ଟ (ଏସ୍‌ଆଇଆର) ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ଜିଲାପାଳଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପରେ ସମ୍ପୃକ୍ତ ବାର୍ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଅଟକ ଥିବା ବାର ମ୍ୟାନେଜରଙ୍କ ସମେତ ୨୬ ଜଣଙ୍କ ନାଁରେ ନଂ. ୧୫୭/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ସେମାନଙ୍କୁ ଧାରା ୪୧ ସିଆରପିସିରେ ନୋଟିସ କରି ଛାଡି ଦିଆଯାଇଥିବା ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, ସୋମବାରରୁ ବ୍ରହ୍ମପୁର ସହରରେ ନୂତନ ନିୟମ ଲାଗୁ କରାଯାଇଥିଲା। ସକାଳ ୫ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବାକୁ ଅନୁମତି ଦିଆଯାଇଥିଲା। ଏହା ପରେ ସହରରେ ଲକ୍‌ଡାଉନ୍ ବଳବତ୍ତର ହେବା ସହ ରାତ୍ର କର୍ଫ୍ୟୁ ମଧ୍ୟ କଡାକଡି ପାଇଁ ନିର୍ଦ୍ଦେଶ ରହିଛି। ଗୋଟିଏ ପଟେ ପୋଲିସ ବିଭିନ୍ନ ସ୍ଥାନରେ ଯାଞ୍ଚକରି ସବୁ ଅମାନିଆଙ୍କୁ ସାବାଡ଼ କରୁଛି। ସମସ୍ତ କଟକଣାକୁ ଉଲ୍ଲଂଘନ କରି ଟାଟାବେଞ୍ଜ ଛକରେ ଥିବା ସୁଖ ସାଗର ବାର୍‌ରେ ସୋମବାର ରାତି ପ୍ରାୟ ୧୦ ଟା ବେଳେ ମଦ ଆସର ଜମାଇବା ମହଙ୍ଗା ପଡିଛି। ଖବର ପାଇ ଥାନାଧିକାରୀ ସାରଦା ପ୍ରସନ୍ନ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରିଥିଲା। ଯାଞ୍ଚ ବେଳେ ସେଠାରେ ମଦ୍ୟପାନ କରୁଥିବା ଯୁବକମାନଙ୍କ ସମେତ ବାର୍ ମ୍ୟାନେଜର ଓ କର୍ମଚାରୀଙ୍କୁ ଥାନାକୁ ଟେକି ନେଇଥିଲା।

